# NATIONAL NEWS BULLETIN (ODIA)

**8 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତର ସଭ୍ୟତା, ଶକ୍ତି ଓ ସ୍ଥିରତାର ପ୍ରତୀକ ହେଉଛି ସୋମନାଥ ମନ୍ଦିର, କହିଲେ ପ୍ରଧାନମନ୍ତ୍ରୀ

—ପୁନରୁଦ୍ଧାର ୭୫ ବର୍ଷ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଆସନ୍ତା ସୋମବାର ସୋମନାଥ ମନ୍ଦିରରେ କରିବେ ପୂଜାର୍ଚ୍ଚନା

- ବିଧାୟକ ଦଳ ନେତା ନିର୍ବାଚନ ନେଇ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେଉଛି ବିଜେପି ବିଧାୟକ ଦଳ ବୈଠକ

—ଆସନ୍ତାକାଲି ହେବ ଶପଥ ଗ୍ରହଣ ଉତ୍ସବ

- ଇରାନ ପରମାଣୁ ଅସ୍ତ୍ର ହାସଲ ନ କରିପାରିବା ଲକ୍ଷ୍ୟ ନେଇ ଏକାଠି ହୋଇଛନ୍ତି ଆମେରିକା ଓ ୟୁରୋପୀୟ ସଂଘ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ହେବ ମ୍ୟାଚ

---

## ପିଏମ୍-ସୋମନାଥ ଟେମ୍ପୁଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଦିନ ଗୁଜରାଟର ସୋମନାଥ ମନ୍ଦିର ପରିଦର୍ଶନ କରିବେ । ୧୯୫୧ ମସିହାରେ ସ୍ୱାଧୀନ

ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ପୁନରୁଦ୍ଧାରିତ ଏହି ମନ୍ଦିର ଉଦ୍‌ଘାଟନର ୭୫ ତମ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ଦୈନିକ ଖବରକାଗଜରେ ଆଲେଖ୍ୟ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ସୂଚନା ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସୋମନାଥ ମନ୍ଦିର ଭାରତର ସଭ୍ୟତା, ଶକ୍ତି ଏବଂ ସ୍ଥିରତାର ପ୍ରତୀକ । ବାରମ୍ବାର ପ୍ରତିବନ୍ଧକ ତଥା କ୍ଷତି ସହିବା ପରେ  ବିଶ୍ୱାସ ଏବଂ ସଂସ୍କୃତି ଯେ ବଞ୍ଚିରହିପାରିବ, ସୋମନାଥ ମନ୍ଦିର ଏହାକୁ ଦର୍ଶାଉଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । କିଛିମାସ ମଧ୍ୟରେ ସୋମନାଥ ମନ୍ଦିର ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବା ଏକ ସୌଭାଗ୍ୟର ବିଷୟ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ମନ୍ଦିର ଉପରେ ପ୍ରଥମ ଆକ୍ରମଣର ଏକହଜାର ବର୍ଷ ପୂର୍ତ୍ତି ପାଳନ ଅବସରରେ ଶ୍ରୀ ମୋଦୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଧାନନ୍ତ୍ରୀ କହିଛନ୍ତି, ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବିଶ୍ୱାସ କରିଥିଲେ ଯେ ସୋମନାଥ ମନ୍ଦିର ପୁନଃ ନିର୍ମାଣ ଏକ ଜାତୀୟ କର୍ତ୍ତବ୍ୟ ।

---

## ଡବ୍ଲୁବି-ଶାହା

ପଶ୍ଚିମବଙ୍ଗରେ ବିଧାୟକ ଦଳ ନେତା ନିର୍ବାଚନ ନେଇ ଆଜି ବିଜେପି ନବନିର୍ବାଚିତ ସଦସ୍ୟଙ୍କର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଦଳର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବଙ୍ଗଳା କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଏହି ବୈଠକ ଅନୁଷ୍ଠିତ ହେବ । ବୈଠକରେ ଯୋଗଦେବା ପାଇଁ ଶ୍ରୀ ଶାହା ପଶ୍ଚିମବଙ୍ଗରେ ପହଞ୍ଚିଛନ୍ତି । ଏହି ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହ-ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ । ଦଳୀୟ ସୂତ୍ରରୁ ମିଳିଥିବା ସୂଚନା

ଅନୁଯାୟୀ ଆସନ୍ତାକାଲି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ଅବସରରେ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ପଶ୍ଚିମବଙ୍ଗରେ ପ୍ରଥମଥର ପାଇଁ ବିଜେପି ସରକାର ଗଠନ କରିବାକୁ ଯାଉଛି । ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ତଥା ବିଭିନ୍ନ ବିଜେପି ଓ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେବେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଶପଥଗ୍ରହଣ ସମାରୋହ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଶ୍ୱକବିଙ୍କ ଜୟନ୍ତୀ ଅବସରରେ ସମାରୋହରେ ସାଂସ୍କୃତିକ ପ୍ରଦର୍ଶନୀ ଉପରେ ଦଳ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଉଥିବା ଜଣାପଡ଼ିଛି ।

## ଟ୍ରମ୍ପ-ଉର୍ସୁଲା ଇରାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ କହିଛନ୍ତି, ଇରାନ ଯେପରି କେବେ ବି ପରମାଣୁ ଅସ୍ତ୍ର ହାସଲ କରି ନପାରେ, ତାହା ସୁନିଶ୍ଚିତ କରିବା ପାଇଁ ଆମେରିକା ଏବଂ ୟୁରୋପୀୟ ୟୁନିଅନ୍ ଏକଜୁଟ ହୋଇଛନ୍ତି । ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ କହିଛନ୍ତି ଯେ ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ଡେର୍ ଲେନ୍‌ଙ୍କ ସହ ସେ ଟେଲିଫୋନ୍ ମାଧ୍ୟମରେ କଥା ହୋଇ ପଶ୍ଚିମ ଏସିଆର ପରିସ୍ଥିତି ଉପରେ ଆଲୋଚନା କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ନିଜ ଲୋକଙ୍କୁ ହତ୍ୟା କରୁଥିବା ଶାସକକୁ ପରମାଣୁ ଭଳି ସକ୍ଷମ ଅସ୍ତ୍ର ରଖିବାକୁ ଅନୁମତି ଦିଆଯାଇ ପାରିବ ନାହିଁ ବୋଲି ଉଭୟପକ୍ଷ ସହମତ ହୋଇଛନ୍ତି । ଏହି ବାର୍ତ୍ତାଳାପ ଆମେରିକା ଏବଂ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ସଂପର୍କ ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ

ଥିଲା । ସ୍କଟଲ୍ୟାଣ୍ଡର ଟର୍ଣ୍ଣବେରୀରେ ହୋଇଥିବା ବାଣିଜ୍ୟ ବୁଝାମଣା ଅନୁଯାୟୀ ଶୁଳ୍କ ହ୍ରାସ ଉପରେ ପ୍ରତିଶ୍ରୁତି ପୂରଣ କରିବାକୁ ସେ ୟୁରୋପୀୟ ସଂଘକୁ ଅନୁରୋଧ କରିଛନ୍ତି । ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ପାଇଁ ୟୁରୋପୀୟ ସଂଘକୁ ଆମେରିକାର ୨୫୦ତମ ସ୍ୱାଧୀନତା ବାର୍ଷିକୀ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ଏହା ବିଫଳ ହେଲେ ଅଧିକ ଶୁଳ୍କ ଲାଗୁ କରାଯାଇ ପାରେ ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି ।

ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ମଧ୍ୟ ତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ବାର୍ତ୍ତାଳାପକୁ ସ୍ୱୀକାର କରି କହିଛନ୍ତି, ଉଭୟ ନେତା ପଶ୍ଚିମ ଏସିଆର ବିକାଶ ଏବଂ ଆଞ୍ଚଳିକ ଅଂଶୀଦାରଙ୍କ ସହ ସମନ୍ୱୟ ବିଷୟରେ ଆଲୋଚନା କରିଥିଲେ । ଭନ୍ ଦୋହରାଇଛନ୍ତି ଯେ ଇରାନ କଦାପି ଆଣବିକ ଅସ୍ତ୍ର ରଖିବା ଉଚିତ ନୁହେଁ । ସାଂପ୍ରତିକ ଘଟଣାଗୁଡ଼ିକ ଆଞ୍ଚଳିକ ସ୍ଥିରତା ଏବଂ ବିଶ୍ୱ ସୁରକ୍ଷା ପ୍ରତି ବିପଦକୁ ସୂଚିତ କରୁଛି ବୋଲି ଭନ୍ କହିଛନ୍ତି ।

---

## ଡିଆରଡିଓ-ତାରା

ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ-ଡିଆରଡିଓ ଓ ଭାରତୀୟ ବାୟୁସେନା ଗତକାଲି ଓଡ଼ିଶା ଉପକୂଳରେ ଟାପ୍ଟିକାଲ୍ ଆଡ୍‌ଭାନ୍ସଡ୍ ରେଞ୍ଜ୍ ଅଗ୍‌ମେଣ୍ଟେସନ- ତାରା ର ପ୍ରଥମ ଉଡ଼ାଣକୁ ସଫଳତାର ସହ ପରୀକ୍ଷଣ କରିଛନ୍ତି । ଏକ ବିବୃତିରେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହା ହେଉଛି ଯୁଦ୍ଧାସ୍ତ୍ରକୁ ସଠିକ୍ ମାର୍ଗରେ ପରିଚାଳିତ କରିବାର କ୍ଷମତା ରଖିଥିବା ଦେଶର ପ୍ରଥମ ସ୍ୱଦେଶୀ ଅସ୍ତ୍ର ପ୍ରଣାଳୀ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ସଫଳତରେ ଖୁସିବ୍ୟକ୍ତ କରିବା ସହ ଡିଆରଡିଓ, ଭାରତୀୟ ବାୟୁସେନା ଏବଂ ଅସ୍ତ୍ର ନିର୍ମାଣକାରୀ ଓ ସହଯୋଗୀ କମ୍ପାନୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅସ୍ତ୍ର ପ୍ରଣାଳୀ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜବୁତ ଓ ବିକଶିତ କରିବ ବୋଲି ଶ୍ରୀ ସିଂହ ଆଶାବ୍ୟକ୍ତ କରିଛନ୍ତି ।

## ୟୁଏସ୍-କୋର୍ଟ ଟାରିଫ୍

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ୧୦ପ୍ରତିଶତ ବିଶ୍ୱ ଶୁଳ୍କକୁ ଆମେରିକାର ଫେଡେରାଲ୍ କୋର୍ଟ ବେଆଇନ ବୋଲି କହିଛନ୍ତି । ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ କୋର୍ଟ ଦର୍ଶାଇଛନ୍ତି ଯେ ଟ୍ରମ୍ପ ପ୍ରଶାସନ ୧୯୭୪ ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ଏହି ଶୁଳ୍କକୁ ଯଥାର୍ଥ ପ୍ରତିପାଦିତ କରିପାରି ନାହିଁ। ସରକାର ଆଇନ ଅନୁଯାୟୀ ଆବଶ୍ୟକ ଦେୟ ସନ୍ତୁଳନ ସଂକଟର ମଧ୍ୟ ସମାଧାନ କରିପାରି ନାହାନ୍ତି। ଅଦାଲତ ତାଙ୍କ ପୂର୍ବ ରାୟରେ ମାମଲାରେ ଜଡ଼ିତ କମ୍ପାନୀଗୁଡ଼ିକଠାରୁ ଆଦାୟ ହୋଇଥିବା ଶୁଳ୍କ ତୁରନ୍ତ ଫେରସ୍ତ କରିବା ସହ ନୂଆ ଟାରିଫ୍ ଅନୁସାରେ ଶୁଳ୍କ ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଆମେରିକାର ୧୯୭୪ ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ, ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ କଂଗ୍ରେସର ଅନୁମୋଦନ ବିନା ୧୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିପାରିବେ । ତେବେ ଏହି ମାମଲାରେ ଟ୍ରମ୍ପ ପ୍ରଶାସନ ସେହି ସର୍ତ୍ତଗୁଡ଼ିକୁ ପୂରଣ କରିନାହାନ୍ତି ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି ।

# ଆକାଶବାଣୀ ମାରାଥନ

ରାଷ୍ଟ୍ର ପ୍ରତି ଆକାଶବାଣୀର ୯୦ ବର୍ଷ ସେବା ପାଳନର ଅଂଶ ଭାବରେ ଆଜି ରାଜଧାନୀ ନୂଆଦିଲ୍ଲୀରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ସାଢ଼େ ୩ କିଲୋମିଟର ଦୀର୍ଘ ଏହି ଗଣଦୌଡ଼ ଆକାଶବାଣୀ ଭବନରୁ ଆରମ୍ଭ ହୋଇ କୃଷିଭବନ, ରେଳ ଭବନ ଏବଂ ରିଜର୍ଭ ବ୍ୟାଙ୍କ କୋଠା ଦେଇ ଆକାଶବାଣୀ ଭବନରେ ସମାପିତ ହୋଇଥିଲା । ଆକାଶବାଣୀ ଦୂରଦର୍ଶନ ଏବଂ ପ୍ରସାରଭାରତୀର କର୍ମଚାରୀମାନେ ପରିବାର ସଦସ୍ୟ ସହିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ପୁରୁଷ ଏବଂ ମହିଳା ବର୍ଗରେ ଶ୍ରେଷ୍ଠ ୩ ଜଣ ପ୍ରଦର୍ଶନକାରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୌରବ ଦ୍ୱିବେଦୀ ଏବଂ ଆକାଶବାଣୀର ମହାନିର୍ଦ୍ଦେଶକ ରାଜୀବ କୁମାର ଜୈନ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ ।

**V/O**

.............................................................................................................

# ରେଲୱେ କବଚ

ଭାରତୀୟ ରେଳବାଇ ପ୍ରାୟ ୩୬୨ କୋଟି ଟଙ୍କା ବ୍ୟୟରେ ଉତ୍ତର ରେଳବାଇର ପ୍ରମୁଖ ରୁଟ୍ ଗୁଡ଼ିକରେ ସ୍ୱଦେଶୀ କବଚ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀର ସଂପ୍ରସାରଣକୁ ମଂଜୁର କରିଛି । ଏହା ରେଳ ସୁରକ୍ଷା ଏବଂ ଆଧୁନିକୀକରଣକୁ ପ୍ରୋତ୍ସାହିତ କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ରେଳ ମନ୍ତ୍ରଣାଳୟ କହିଛି ଯେ ଏହି ପ୍ରକଳ୍ପ ଅଧୀନରେ ଫିରୋଜପୁର ଡିଭିଜନର ଅବଶିଷ୍ଟ ସେକ୍ସନରେ ପ୍ରାୟ ୨୪୧ କୋଟି

ଟଙ୍କା ବ୍ୟୟରେ ୧ ହଜାର ରୁଟ୍ କିଲୋମିଟରରୁ ଅଧିକ ରୁଟ୍‌ରେ କବଚ ସ୍ଥାପନ କରାଯିବ। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ-କବଚ ଅସୁରକ୍ଷିତ ଗତିବିଧି କ୍ଷେତ୍ରରେ ସ୍ୱୟଂଚାଳିତ ଭାବରେ ବ୍ରେକ୍ ଲଗାଇ ଟ୍ରେନ୍ ଦୁର୍ଘଟଣାକୁ ରୋକି ପାରିବ ।

## ଚୀନ୍-ଫ୍ୟାକ୍ଟ୍ରି ଏକ୍ସପ୍ଲୋଜନ

ଚୀନର ହୁନାନ୍ ପ୍ରଦେଶରେ ବାଣ କାରଖାନା ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୩୭କୁ ବୃଦ୍ଧି ପାଇଛି । ପ୍ରାଦେଶିକ ରାଜଧାନୀ ଚାଙ୍ଗସା ନିକଟସ୍ଥ ଲିଉ ଇଆନ ସହରରେ ସୋମବାର ଦିନ ଏହି ବିସ୍ଫୋରଣ ଘଟିଥିଲା । ଚୀନ୍ ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିସ୍ଫୋରଣରେ ୫୧ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

## ନଡ୍ଡା ହେଲ୍‌ଥ କେୟାର

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ମଜବୁତ କରିବା ଲକ୍ଷ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଦଳ ପାଇଁ ସମନ୍ୱିତ ତାଲିମର ଶୁଭାରମ୍ଭ କରିଛନ୍ତି । ଏହା ଭାରତର ପ୍ରାଥମିକ ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ବ୍ୟାପକ, ଜନକୈନ୍ଦ୍ରିକ ଆତ୍ମବିଶ୍ୱାସୀ ସେବା ପ୍ରଦାନକାରୀରେ ପରିଣତ କରିବ । ପ୍ରାଥମିକ ସ୍ୱାସ୍ଥ୍ୟସେବା ଦଳଗୁଡ଼ିକ ପାଇଁ ସମନ୍ୱିତ ପ୍ରଶିକ୍ଷଣ ବିକ୍ଷିପ୍ତ କ୍ଷେତ୍ରଗୁଡ଼ି ପାଇଁ ଏକୀକୃତ, ସଂରଚିତ ଏବଂ ଦକ୍ଷତା ପରିଚାଳିତ ଢ଼ାଞ୍ଚାରେ ନିର୍ଣ୍ଣାୟକ ପରିବର୍ତ୍ତନ ଆଣିବ ।

ସାଂପ୍ରତିକ ବର୍ଷଗୁଡ଼ିକରେ ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠୀଗତ ଯୋଗଦାନ ଉପରେ ଦୃଢ଼ ଧ୍ୟାନ ଦିଆଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ସ୍ୱାସ୍ଥ୍ୟସେବା ଗୁଣବତ୍ତାରେ ଉନ୍ନତି ଆଣିବା, ଉଚ୍ଚସ୍ତରୀୟ ସୁବିଧା ଉପରେ ବୋଝ ହ୍ରାସ କରିବା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ଏକ ତାଲିମପ୍ରାପ୍ତ ଏବଂ ଆତ୍ମବିଶ୍ୱାସୀ ପ୍ରାଥମିକ ସ୍ୱାସ୍ଥ୍ୟସେବା ମାନବ ସମ୍ବଳ ଆବଶ୍ୟକ। ଏହି ସମନ୍ୱିତ ପ୍ରଶିକ୍ଷଣ ମଡ୍ୟୁଲ୍ ପ୍ରାଥମିକ ସ୍ୱାସ୍ଥ୍ୟସେବା ଦଳକୁ ଗୋଷ୍ଠୀ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟରେ ବିଶ୍ୱାସକୁ ମଜବୁତ କରିବା ସହିତ ସାମଗ୍ରିକ, ଜନକୈନ୍ଦ୍ରିକ ଯତ୍ନ ପ୍ରଦାନ କରିବାରେ ସକ୍ଷମ କରିବ । ପ୍ରଶିକ୍ଷଣଗତ ସଂସ୍କାର ସହିତ ଏହି ପଦକ୍ଷେପ ଭାରତର ଜନସ୍ୱାସ୍ଥ୍ୟ ଭବିଷ୍ୟତରେ ଏକ ରଣନୈତିକ ନିବେଶ ବୋଲି ମନ୍ତ୍ରଣାଳୟ କହିଛି ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲି ଲକ୍ଷ୍ନୌର ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ବର୍ଷା ପ୍ରଭାବିତ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୯ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି ।